# Visit of Foreign Secretary to Myanmar (November 20-21, 2022)

November 22, 2022

## ବୈଦେଶିକ ସଚିବଙ୍କ ମିଆଁମାର ଗସ୍ତ (20-21 ନଭେମ୍ବର 2022)

**ନଭେମ୍ବର 22, 2022**

ବୈଦେଶିକ ସଚିବ 20-21 ନଭେମ୍ବର 2022 ମିଆଁମାର ଗସ୍ତ କରିଥିଲେ।

2. ମିଆଁମାରର ବରିଷ୍ଠ ନେତୃବର୍ଗଙ୍କ ସହ ବୈଠକ ସମୟରେ ବୈଦେଶିକ ସଚିବ ଭାରତ ଏବଂ ମିଆଁମାରର ସୀମାଞ୍ଚଳରେ ସୁରକ୍ଷା ତଥା ସ୍ଥିରତା ଉପରେ ଆଲୋଚନା କରିଥିଲେ। ସେ ମିଆଁମାରର ମିଆୱାଡି ଅଞ୍ଚଳରେ ଆନ୍ତର୍ଜାତିକ ଅପରାଧ ସଂଗଠନଗୁଡିକ ଦ୍ୱାରା ମାନବ ଚାଲାଣ କରାଯାଉଥିବା ପ୍ରସଙ୍ଗ ଉଠାଇଥିଲେ ଯେଉଁଥିରେ ବହୁ ଭାରତୀୟ ନାଗରିକ ଧରାପଡିଥିଛନ୍ତି ଏବଂ ଦ୍ୱିପାକ୍ଷିକ ବିକାଶ ସହଯୋଗ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ।

3. ଭାରତ-ମିଆଁମାର ସୀମାବର୍ତ୍ତୀ ଅଞ୍ଚଳରେ ପ୍ରକଳ୍ପଗୁଡିକ ସମେତ ଜନକୈନ୍ଦ୍ରିକ ସାମାଜିକ-ଅର୍ଥନୈତିକ ବିକାଶମୂଳକ ପ୍ରକଳ୍ପଗୁଡିକ ପାଇଁ ବୈଦେଶିକ ସଚିବ ଭାରତର ନିରନ୍ତର ସମର୍ଥନ ଜଣାଇବା ସହିତ କାଲାଦାନ ମଲ୍ଟିମୋଡାଲ ଟ୍ରାଞ୍ଜିଟ୍ ପରିବହନ ପ୍ରକଳ୍ପ ଏବଂ ତ୍ରିପାକ୍ଷିକ ରାଜପଥ ଭଳି ଚାଲୁଥିବା ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକର ଶୀଘ୍ର କାର୍ଯ୍ୟକାରିତା ପାଇଁ ଭାରତର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ମିଆଁମାର ଲୋକଙ୍କ ହିତ ପାଇଁ ରାଖାଇନ୍ ରାଜ୍ୟ ବିକାଶ କାର୍ଯ୍ୟକ୍ରମ ଏବଂ ସୀମାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରକଳ୍ପଗୁଡିକୁ ଜାରି ରଖିବାକୁ ବୈଦେଶିକ ସଚିବ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 22, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.